# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତିଲେଇବଣି

**ବିଜ୍ଞାପନ ସଂଖ୍ୟା :** ୪୭୧ **ତାରିଖ :** ୧୪/୦୨/୨୦୨୫

## ବିଜ୍ଞାପନ

ଏତଦ୍ ଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପଞ୍ଚାୟତ ସ୍ତରରେ ସାମାଜିକ ସମୀକ୍ଷା ନିମନ୍ତେ ନିମ୍ନ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

| ଖାଲି ଥିବା ପଦବୀର ନାମ | ଖାଲି ଥିବା ପଦବୀ ସଂଖ୍ୟା | ଆବେଦନ ଆରମ୍ଭ ତାରିଖ | ଆବେଦନ ଶେଷ ତାରିଖ | ଆବେଦନ ଗ୍ରହଣ କରିବାର ମାଧ୍ୟମ |
|---|---|---|---|---|
| ଗ୍ରାମ୍ୟ ସମ୍ବଳ ବ୍ୟକ୍ତି (VRP) | ୧୦ (ମହିଳା)<br>ବଣିଆକିଲିଣ୍ଡା, ସୁଗୁଡା, କଲଣ୍ଡା, ତଳକୁଣ୍ଡି, ଢୋଲପଡା, କଂସର, ସଡୋ, ପାଳକୁଦର, ଗଣ୍ଡମ, ଡିମିରିକୁଦା ଗ୍ରା.ପ. ରେ ଗୋଟିଏ ଲେଖାଏଁ | ୧୪/୦୨/୨୦୨୫ | ୨୮/୦୨/୨୦୨୫ | ସ୍ପିଡ୍ ପୋଷ୍ଟ |

**ଯୋଗ୍ୟତା ମାନଦଣ୍ଡ:**

୦୧) **ବାସସ୍ଥାନ:** ଇଚ୍ଛୁକ ଆବେଦନକାରୀ ସଂପୃକ୍ତ **ଗ୍ରାମ ପଞ୍ଚାୟତର ସ୍ଥାୟୀ ବାସିନ୍ଦା** ହୋଇଥିବେ ।

୦୨) **ବୟସ:** ତା ୦୧.୦୧.୨୦୨୫ ରିଖ ସୁଦ୍ଧା ଆବେଦନକାରୀଙ୍କର ବୟସ **୧୮ ରୁ ୪୦ ବର୍ଷ** ମଧ୍ୟରେ ହୋଇଥିବ ।

୦୩) **ଶିକ୍ଷାଗତ ଯୋଗ୍ୟତା:** ଆବେଦନକାରୀଙ୍କର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା **ଅଷ୍ଟମ ପାସ** ଅଟେ ଏବଂ **ଅଧିକ ଶିକ୍ଷାଗତ ଯୋଗ୍ୟତା ଥିବା ଆବେଦନକାରୀଙ୍କୁ ଅଗ୍ରାଧିକାର** ଦିଆଯିବ ।

୦୪) **ଅଭିଜ୍ଞତା:** ଆବେଦନକାରୀ ଅନ୍ୟୁନ **୩ ବର୍ଷ** ଯେକୌଣସି ସ୍ୱୟଂ ସହାୟକ ଗୋଷ୍ଠିରେ **ସକ୍ରିୟ ସଦସ୍ୟା** ଭାବେ କାର୍ଯ୍ୟ କରିଥିବେ ।

୦୫) ଆବେଦନକାରୀ **ଓଡିଆ ଭାଷା** ଭଲଭାବରେ ପଢି, ଲେଖି ଓ କହି ପାରୁଥିବେ ।

୦୬) ଆବେଦନକାରୀ କୌଣସି **ସରକାରୀ / ବେସରକାରୀ ଅନୁଷ୍ଠାନରେ କାର୍ଯ୍ୟରତ ନଥିବେ** ଏବଂ **SHG / CLF / GPLF/ BLF ଇତ୍ୟାଦିରେ ସକ୍ରିୟ ଅଫିସ ବିୟରର୍ / ବୁକ କିପର ଭାବରେ କାର୍ଯ୍ୟକରୁ ନଥିବେ** ।

୦୭) **ମନରେଗା କାର୍ଯ୍ୟ ସମ୍ପର୍କରେ ଅଭିଜ୍ଞତା ଥିବା / ଜବକାର୍ଡଧାରୀ ପରିବାରର ଆବେଦନକାରୀଙ୍କୁ ଅଗ୍ରାଧିକାର** ଭିତ୍ତିରେ ଚୟନ କରାଯିବ ।

୦୮) ସୀମାବଦ୍ଧ ସ୍ୱୟଂ ସହାୟକ ଗୋଷ୍ଠି **(ଭିନ୍ନକ୍ଷମ /ଜାତି /ଜନଜାତି)** ର **ସଦସ୍ୟା ମାନଙ୍କୁ ଅଗ୍ରାଧିକାର** ଦିଆଯିବ ।

୦୯) **ଗରିବ/ ଭୂମିହିନ ପରିବାରର ଆବେଦନକାରୀ ମାନଙ୍କୁ ଅଗ୍ରାଧିକାର** ଦିଆଯିବ ।

୧୦) ଆବେଦନକାରୀ ନିଜ ଗ୍ରାମପଞ୍ଚାୟତରୁ ଅନ୍ୟ ଗ୍ରାମପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଯାତାୟତ କରି ସାମାଜିକ ସମୀକ୍ଷା କରିବାର ଇଚ୍ଛା ପ୍ରକାଶ କରୁଥିବେ ।

**ସର୍ତ୍ତାବଳୀ:**

୧) ଏହି ପଦବୀଟି ସମ୍ପୂର୍ଣ ଭାବରେ ଅସ୍ଥାୟୀ ଅଟେ, ସେ ନିଜକୁ ସରକାରୀ କର୍ମଚାରୀ ଭାବେ ପରିଗଣିତ କରିବେ ନାହି ଏବଂ ଭବିଷ୍ୟତରେ ସ୍ଥାୟୀ ନିଯୁକ୍ତି ପାଇଁ ଦାବି କରିପାରିବେ ନାହିଁ ।

୨) ଚୟନ କମିଟିର ନିଷ୍ପତି ନିର୍ଣାୟକ ହେବ ।

୩) ଗ୍ରାମ୍ୟ ସମ୍ବଳ ବ୍ୟକ୍ତି (VRP) ଚୟନ ସମ୍ପୂର୍ଣ ଭାବେ କାର୍ଯ୍ୟଦକ୍ଷତା ଆଧାରିତ ହେବ । ମନୋନୀତ ଗ୍ରାମ୍ୟ ସମ୍ବଳ ବ୍ୟକ୍ତି (VRP)ଙ୍କୁ ଭବିଷ୍ୟତରେ କେବଳ ସନ୍ତୋଷଜନକ କାର୍ଯ୍ୟଦକ୍ଷତା ଆଧାର ରେ ହିଁ ଏହି କମ୍ୟୁନିଟି କ୍ୟାଡ଼ର ପଦବୀ ଜାରି ରଖାଯିବ ।

୪) କୌଣସି ପରିସ୍ଥିତିରେ ମଧ୍ୟ ସେ ଓକିଲ ଭଳି କାର୍ଯ୍ୟ କରିବେ ନାହିଁ ଏବଂ ନିରପେକ୍ଷତାର ସହ ସାମାଜିକ ସମୀକ୍ଷା ପ୍ରକ୍ରିୟାକୁ ସହଯୋଗ କରିବେ ।

୫) ମନୋନୀତ ଗ୍ରାମ୍ୟ ସମ୍ବଳ ବ୍ୟକ୍ତି (VRP) କାର୍ଯ୍ୟ ଦିବସ ଆନୁସାରେ ପାରିଶ୍ରମିକ ବାବଦକୁ ଦୈନିକ ଟଂ ୪୦୦. ୦୦ଙ୍କା ଏବଂ ଯାତାୟତ ଖର୍ଚ୍ଚ ବାବଦକୁ ଦୈନିକ ଟଂ. ୧୦୦. ୦୦ଙ୍କା ପାଇବେ ।

**ଚୟନ ପ୍ରକ୍ରିୟା:**

ଯୋଗ୍ୟତା ମାନଦଣ୍ଡକୁ ଆଧାର କରି ଏହି କାର୍ଯ୍ୟାଳୟକୁ ପ୍ରାପ୍ତ ହୋଇଥିବା ଆବେଦନ ଫର୍ମ ଗୁଡ଼ିକର ପ୍ରାରମ୍ଭିକ ଯାଞ୍ଚ କରାଯାଇ ସର୍ବ ପ୍ରଥମେ ଯୋଗ୍ୟ ଏବଂ ଅଯୋଗ୍ୟ ଆବେଦନକାରୀଙ୍କ ତାଲିକା ପ୍ରକାଶ କରାଯିବ ଏବଂ ଯୋଗ୍ୟ ଆବେଦନକାରୀ ମାନଙ୍କର ମୂଳ ପ୍ରମାଣ ପତ୍ର (original copy) ଯାଞ୍ଚ କରାଯିବ । ଏହି ପ୍ରକ୍ରିୟାରେ ମୂଳ ପ୍ରମାଣ ପତ୍ର (original copy) ଉପସ୍ଥାପନ କରିପାରିନଥିବା ଆବେଦନକାରୀଙ୍କ ଆବେଦନ ଫର୍ମ ନାକଚ କରାଯିବ ଏବଂ ଅନ୍ୟ ଉପଯୁକ୍ତ ଆବେଦନକାରୀ ମାନଙ୍କୁ ଲିଖିତ ପରୀକ୍ଷା (MCQ Type) ଓ ବ୍ୟକ୍ତିଗତ ସାକ୍ଷାତକାର (interview)ରେ ବସିବାକୁ ସୁଯୋଗ ଦିଆଯିବ । ମୂଳ ପ୍ରମାଣ ପତ୍ର (original copy)ଗୁଡ଼ିକର ପ୍ରାରମ୍ଭିକ ଯାଞ୍ଚ, ଲିଖିତ ପରୀକ୍ଷା (MCQ Type) ଓ ବ୍ୟକ୍ତିଗତ ସାକ୍ଷାତକାର (interview) ର ସବିଶେଷ ତାରିଖ ଆଗାମୀ ଦିନରେ ନୋଟିସ ମାଧ୍ୟମରେ ଜଣାଇ ଦିଆଯିବ ।

**ଲିଖିତ ପରୀକ୍ଷା (MCQ Type) ଓ ବ୍ୟକ୍ତିଗତ ସାକ୍ଷାତକାର (interview) ପାଇଁ ପାଠ୍ୟ ସୂଚୀ:**

ଆବେଦନକାରୀ ମାନଙ୍କୁ ବିଭିନ୍ନ ଯୋଜନା, ଯଥା- ସାମାଜିକ ସମୀକ୍ଷା, ମହାତ୍ମା ଗାନ୍ଧୀ ନରେଗା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ମମତା ଯୋଜନା, ପ୍ରଧାନ ମନ୍ତ୍ରୀ ପୋଷଣ ଯୋଜନା, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା- ଗ୍ରାମୀଣ, ପଞ୍ଚଦଶ ଅର୍ଥ ଅନୁଦାନ ଏବଂ ସମଗ୍ର ଶିକ୍ଷା ଆଦି ମଧ୍ୟରୁ ପ୍ରଶ୍ନ ପଚରାଯିବ ।

**ନିମ୍ନ ଆବଶ୍ୟକୀୟ ପ୍ରମାଣପତ୍ର ଗୁଡ଼ିକର ଗୋଟିଏ ଲେଖାଏ ନକଲ ଆବେଦନ ଫର୍ମ ସହ ସଂଲଗ୍ନ କରିବ ପଠାଇବେ ଏବଂ ଯାଞ୍ଚ ସମୟରେ ମୂଳ ପ୍ରମାଣ ପତ୍ର (original copy) କମିଟି ସମ୍ମୁଖରେ ଉପସ୍ଥାପନ କରିବେ ।**

୧) **ପରିଚୟ ପ୍ରମାଣ:** ଭୋଟର କାର୍ଡ/ ଆଧାର କାର୍ଡ/ ପାନ କାର୍ଡ/ ଡ୍ରାଇଭିଂ ଲାଇସେନ୍ସ ମଧ୍ୟରୁ ଯେକୌଣସି ଗୋଟିଏ

୨) **ଜନ୍ମ ପ୍ରମାଣ:** ଜନ୍ମ ପ୍ରମାଣ ପତ୍ର/ ୧୦ମ ପ୍ରମାଣ ପତ୍ର/ ପାନ କାର୍ଡ/ ଡ୍ରାଇଭିଂ ଲାଇସେନ୍ସ/ ଭୋଟର କାର୍ଡ/ ଆଧାର କାର୍ଡ

୩) **ଆବାସିକ ପ୍ରମାଣ:** ଆବାସିକ ପ୍ରମାଣ ପତ୍ର

୪) **ଶିକ୍ଷାଗତ ପ୍ରମାଣ:** ୮ ମ ପାସ ଓ ତଦୂର୍ଦ୍ଧ୍ୱ ସମସ୍ତ ଶ୍ରେଣୀର ପ୍ରମାଣ ପତ୍ର ଓ ମାର୍କ ସିଟ

୫) **ଓଡ଼ିଆ ଭାଷା ଜ୍ଞାନ:** ଓଡ଼ିଆ ପାସ ସାର୍ଟିଫିକେଟ/ ଦଶମ କିମ୍ବା ଦ୍ୱାଦଶ ଶ୍ରେଣୀ ସାର୍ଟିଫିକେଟ

୬) **GPLF ଠାରୁ ସ୍ୱୟଂ ସହାୟକ ଗୋଷ୍ଠିରେ ସଦସ୍ୟା ଥିବା ଓ ସେଥିରେ ଅଫିସ ବିୟରର୍ ନଥିବା ପ୍ରମାଣ ପତ୍ର**

**କିମ୍ବା**

**ପ୍ରଥମ ଏବଂ ଶେଷ ବୈଠକର ବିବରଣୀର ନକଲ**

୭) **ଜାତିଗତ ପ୍ରମାଣ:** ଅନୁସୂଚିତ ଜାତି/ ଜନଜାତି ପ୍ରମାଣ ପତ୍ର (ଯଦି ଥାଏ)

୮) **ଭିନ୍ନକ୍ଷମ ପ୍ରମାଣ:** PwD ସାର୍ଟିଫିକେଟ/ UDID କାର୍ଡ (ଯଦି ଥାଏ)

୯) **ସକ୍ରିୟ ଜବ କାର୍ଡ** (ଯଦି ଥାଏ)

୧୦) **ଆୟ ପ୍ରମାଣ ପତ୍ର** (ଯଦି ଥାଏ)

**ଇଚ୍ଛୁକ ଆବେଦନକାରୀମାନେ ନିଜର ଆବେଦନ ପତ୍ର ନିମ୍ନ ଠିକଣାରେ ପଠାଇବେ ।**

**"Block Development Officer, At- MGNREGS CELL, BNRGSK Building, Tileibani Block, PO- Tileibani, Dist.- Deogarh, PIN- 768119, Mob. 9438005191"** ଲଫାପାର ଉପର ପାର୍ଶ୍ୱରେ **"Application for Recruitment of VRP"** ଉଲ୍ଲେଖ କରିବେ । ଆବେଦନ ଶେଷ ତାରିଖ ପରେ ପହଞ୍ଚିଥିବା କୌଣସି ଆବେଦନକୁ ଗ୍ରହଣ କରାଯିବ ନାହିଁ । ଡାକ ସେବା ବିଳମ୍ବ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଆବଶ୍ୟକସ୍ଥଳେ ଆବେଦନ ପ୍ରକ୍ରିୟା ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କର ଅଛି ।

(Signature) 28.07.2024

**ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତିଲେଇବଣି**

ପରିପତ୍ର ସଂଖ୍ୟା - ୪୭୨ ତାରିଖ – ୧୪/୦୨/୨୦୨୪

ଏହାର ଏକକିତା ନକଲ ଜନ ସାଧାରଣ ଙ୍କ ଅବଗତି ନିମନ୍ତେ ପଞ୍ଚାୟତ ସମିତି, ତିଲେଇବଣି ର ବିଜ୍ଞାପନ ଫଳକ ରେ ପ୍ରଦର୍ଶନ ନିମନ୍ତେ ପ୍ରେରଣ କରାଗଲା।

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତିଲେଇବଣି

ପରିପତ୍ର ସଂଖ୍ୟା - ୪୭୩ ତାରିଖ – ୧୪/୦୨/୨୦୨୪

ଏହାର ଏକକିତା ନକଲ ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟା (SHG MEMBER) ମାନଙ୍କ ବ୍ୟାପକ ଅବଗତି ନିମନ୍ତେ ଗୋଷ୍ଠୀ ପ୍ରକଳ୍ପ ପରିଚାଳକ, ଓଡ଼ିଶା ଜୀବିକା ମିଶନ, ତିଲେଇବଣି ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ତିଲେଇବଣି ଙ୍କୁ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତିଲେଇବଣି

ପରିପତ୍ର ସଂଖ୍ୟା - ୪୭୪ ତାରିଖ – ୧୪/୦୨/୨୦୨୪

ଏହାର ଏକକିତା ନକଲ ବଣିଆକିଲିଣ୍ଡା, ସୁଗୁଡା, କଲଣ୍ଡା, ତଳକୁଣ୍ଡି, ଢୋଲପଡା, କଂସର, ସଡୋ, ପାଳକୁଦର, ଗଣ୍ଡମ, ଡିମିରିକୁଦା ଗ୍ରା.ପ.ର ସରପଞ୍ଚ ତଥା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ଉକ୍ତ ବିଜ୍ଞାପନକୁ ବହୁଳ ଭାବରେ ପ୍ରଚାର ନିମନ୍ତେ ଅନୁରୋଧ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତିଲେଇବଣି

ପରିପତ୍ର ସଂଖ୍ୟା - ୪୭୫ ତାରିଖ – ୧୪/୦୨/୨୦୨୪

ଏହି ନୋଟିସଟିର ବହୁଳ ପ୍ରଚାର ପ୍ରସାର ନିମନ୍ତେ Web-Host କରିବାକୁ DeGM, Deogarh ଙ୍କୁ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତିଲେଇବଣି

ପରିପତ୍ର ସଂଖ୍ୟା - ୪୭୬ ତାରିଖ – ୧୪/୦୨/୨୦୨୪

ଏହାର ଏକକିତା ନକଲ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଦେବଗଡଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତିଲେଇବଣି

ପରିପତ୍ର ସଂଖ୍ୟା ....୪୭୭.... ତା ୧୪/୦୨/୨୦୨୪ ରିଖ

ଏହାର ଏକକିତା ନକଲ ନିର୍ଦ୍ଦେଶକ ଓସାଟ୍, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡିଶା ସରକାର ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତିଲେଇବଣି

ପରିଶିଷ୍ଟ-କ

# ଗ୍ରାମ୍ୟ ସମ୍ବଳ ବ୍ୟକ୍ତି (VRP) ଚୟନ ପାଇଁ ଆବେଦନ ପତ୍ର

ଆବେଦନକାରୀଙ୍କ ଫଟୋ

ଆବେଦନକାରୀଙ୍କ ନାମ : ______________________ ପିତା / ସ୍ୱାମୀ ଙ୍କ ନାମ : ______________________

ଜନ୍ମ ତାରିଖ : ________________ ବୟସ : ______________ ୦୧.୦୧.୨୦୨୪ ସୁଧା ହୋଇଥିବ ବର୍ଷ

ସାମାଜିକ ବର୍ଗ: ଅନୁସୂଚିତ ଜାତି / ଅନୁସୂଚିତ ଜନଜାତି / ଅନ୍ୟାନ୍ୟ ପଛୁଆ ବର୍ଗ ________ ଭିନ୍ନକ୍ଷମ: ହଁ ______ / ନା ______

ଠିକଣା :

ଗ୍ରାମ : ____________________ ପୋଷ୍ଟ ଅଫିସ : ____________________ ଥାନା : ________________

ଗ୍ରା : ପ : ______________________ ବ୍ଲକ : ତିଲେଇବଣି, ଜିଲ୍ଲା : ଦେବଗଡ଼, ପିନ କୋଡ : ______________ ଓଡ଼ିଶା

| ମୋବାଇଲ ନଂ : | | | | | | | | | | |
|---|---|---|---|---|---|---|---|---|---|---|

ଇ ମେଲ : ________________________________________________

ସ୍ୱୟଂ ସହାୟକ ଗୋଷ୍ଠି (SHG)ର ନାମ: ________________________________________

ଏସଏଚଜିରେ ଯୋଗଦାନ ତାରିଖ: ____________________________ ଏସଏଚଜି ରେ ଅଭିଜ୍ଞତା: ____________ ବର୍ଷରେ

ଏସଏଚଜି ର ବର୍ଗ : (ଅନୁସୂଚିତ ଜାତି / ଅନୁସୂଚିତ ଜନଜାତି / ଭିନ୍ନକ୍ଷମ) । ମନରେଗା ଜବ କାର୍ଡ ନଂ: ________________

ଜାଣିଥିବା ଭାଷା:

ଓଡ଼ିଆ: କହିପାରନ୍ତି ______ ଲେଖିପାରନ୍ତି ______ ଲେଖିପାରନ୍ତି ______

ଇଂରାଜୀ: କହିପାରନ୍ତି ______ ଲେଖିପାରନ୍ତି ______ ଲେଖିପାରନ୍ତି ______

ହିନ୍ଦୀ: କହିପାରନ୍ତି ______ ଲେଖିପାରନ୍ତି ______ ଲେଖିପାରନ୍ତି ______

ଶିକ୍ଷାଗତ ଯୋଗ୍ୟତା :

| କ୍ର. ସଂ. | ଶିକ୍ଷାଗତ ଯୋଗ୍ୟତା | ବୋର୍ଡ / ବିଶ୍ୱ ବିଦ୍ୟାଳୟ | ଉତ୍ତୀର୍ଣ୍ଣ ବର୍ଷ | ମୋଟ ମାର୍କ | ରଖିଥିବା ମାର୍କ | ଶତକଡ଼ା % |
|---|---|---|---|---|---|---|
| ୧ | ଅଷ୍ଟମ/ ନବମ | | | | | |
| ୨ | ଦଶମ | | | | | |
| ୩ | ଦ୍ୱାଦଶ | | | | | |
| ୪ | ଅନ୍ୟାନ୍ୟ | | | | | |

ମୁଁ ଘୋଷଣା କରୁଛି ଯେ, ଉପରୋକ୍ତ ସମସ୍ତ ତଥ୍ୟ ସଠିକ ଅଟେ । ଚୟନ ପ୍ରକ୍ରିୟାର ଯେକୌଣସି ସ୍ତରରେ ଯଦି ଏହା ମିଥ୍ୟା ସାବ୍ୟସ୍ତ ହୁଏ, ତେବେ ମୋର ଆବେଦନ ପତ୍ରଟିକୁ ନାକଚ କରାଯିବ ।

ଆବେଦନକାରୀଙ୍କ ସ୍ୱାକ୍ଷର

**ଆବେଦନ ଫର୍ମ ସହ ନିମ୍ନ ପ୍ରମାଣ ପତ୍ର ସଂଲଗ୍ନ କରିବେ**

୧) **ପରିଚୟ ପ୍ରମାଣ:** ଭୋଟର କାର୍ଡ/ ଆଧାର କାର୍ଡ/ ପାନ କାର୍ଡ/ ଡ୍ରାଇଭିଂ ଲାଇସେନ୍ସ ମଧ୍ୟରୁ ଯେକୌଣସି ଗୋଟିଏ

୨) **ଜନ୍ମ ପ୍ରମାଣ:** ଜନ୍ମ ପ୍ରମାଣ ପତ୍ର/ ୧୦ମ ପ୍ରମାଣ ପତ୍ର/ ପାନ କାର୍ଡ/ ଡ୍ରାଇଭିଂ ଲାଇସେନ୍ସ/ ଭୋଟର କାର୍ଡ/ ଆଧାର କାର୍ଡ

୩) **ଆବାସିକ ପ୍ରମାଣ:** ଆବାସିକ ପ୍ରମାଣ ପତ୍ର

୪) **ଶିକ୍ଷାଗତ ପ୍ରମାଣ:** ୮ ମ ପାସ ଓ ତଦୁର୍ଦ୍ଧ୍ୱ ସମସ୍ତ ଶ୍ରେଣୀର ପ୍ରମାଣ ପତ୍ର ଓ ମାର୍କ ସିଟ

୫) **ଓଡିଆ ଭାଷା ଜ୍ଞାନ:** ଓଡିଆ ପାସ ସାର୍ଟିଫିକେଟ/ ଦଶମ କିମ୍ବା ଦ୍ୱାଦଶ ଶ୍ରେଣୀ ସାର୍ଟିଫିକେଟ

୬) **GPLF ଠାରୁ ସ୍ୱୟଂ ସହାୟକ ଗୋଷ୍ଠିରେ ସଦସ୍ୟା ଥିବା ଓ ସେଥିରେ ଅଫିସ ବିୟରର୍ ନଥିବା ପ୍ରମାଣ ପତ୍ର**

**କିମ୍ବା**

**ପ୍ରଥମ ଏବଂ ଶେଷ ବୈଠକର ବିବରଣୀର ନକଲ**

୭) **ଜାତିଗତ ପ୍ରମାଣ:** ଅନୁସୂଚିତ ଜାତି/ ଜନଜାତି ପ୍ରମାଣ ପତ୍ର (ଯଦି ଥାଏ)

୮) **ଭିନ୍ନକ୍ଷମ ପ୍ରମାଣ:** PwD ସାର୍ଟିଫିକେଟ/ UDID କାର୍ଡ (ଯଦି ଥାଏ)

୯) ସକ୍ରିୟ ଜବ କାର୍ଡ (ଯଦି ଥାଏ)

୧୦) ଆୟ ପ୍ରମାଣ ପତ୍ର (ଯଦି ଥାଏ)

**ପରିଶିଷ୍ଟ-ଖ**

## ଅଭିଜ୍ଞତା ପ୍ରମାଣ ପତ୍ର

ସଂଖ୍ୟା ................../ ତାରିଖ ................

ଏତଦ୍ଦ୍ୱାରା ପ୍ରମାଣିତ କରାଯାଉଅଛି କି ଶ୍ରୀମତୀ/ସୁଶ୍ରୀ ______________ ପିତା/ସ୍ୱାମୀ ______________, ଗ୍ରାମ ______________, ଗ୍ରା. ପ. ______________, ବ୍ଲକ- ______________, ଜିଲ୍ଲା- ______________ ଏସଏଚଜି ନାମ- ______________ ଏସଏଚଜି ବର୍ଗ - ______________ (ସାଧାରଣ/ ଅନୁସୂଚିତ ଜାତି / ଅନୁସୂଚିତ ଜନଜାତି / ଭିନ୍ନକ୍ଷମ) ରେ ତା. ______________ ରିଖ ଠାରୁ ଅଦ୍ୟାବଧି/ ତା. ______________ ରିଖ ପର୍ଯ୍ୟନ୍ତ ଦୀର୍ଘ ______ ବର୍ଷ ଧରି ସକ୍ରିୟ ସଦସ୍ୟା ଭାବେ କାର୍ଯ୍ୟରତ ଅଛନ୍ତି/ ଥିଲେ ଏବଂ ବର୍ତ୍ତମାନ ସେ ଉକ୍ତ ଏସଏଚଜିରେ ଅଫିସ ବିୟରର୍ ନାହାନ୍ତି ।

ସମ୍ପାଦିକାଙ୍କ ସ୍ୱାକ୍ଷର ଓ ସିଲ
______________ GPLF

ସଭାନେତ୍ରୀ ଙ୍କ ସ୍ୱାକ୍ଷର ଓ ସିଲ
______________ GPLF

GPLF ସିଲ